# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 May - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ
- ରାଜ୍ୟରେ ଜୋର୍ ଧରିଲା ନିର୍ବାଚନ ପ୍ରଚାର; ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗଞ୍ଜାମର ସୋରଡାଠାରେ ଜନସଭାକୁ କଲେ ସମ୍ବୋଧନ ।

- କଟକଠାରେ ଆୟୋଜିତ ରୋଡ ଶୋ'ରେ ଯୋଗ ଦେଇଛନ୍ତି

– ରାଉରକେଲାରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚାର

- ମତଦାତାଙ୍କୁ ନିଜ ବୁଥ୍ ସମ୍ପର୍କରେ ତଥ୍ୟ ପ୍ରଦାନ ଲାଗି ଉଦ୍ଦିଷ୍ଟ ମୋ ବୁଥ୍ ଆପ୍‌ର ହେଲା ଶୁଭାରମ୍ଭ ।

ଏବଂ

- ଆସନ୍ତା ଦୁଇଦିନ ପରେ ତାପମାତ୍ରା ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗର ସୂଚନା ।

## ପ୍ରାର୍ଥୀପତ୍ର ଯାଞ୍ଚ

ରାଜ୍ୟର ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଲାଗି ଆଜି ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୬ଟି ସଂସଦୀୟ କ୍ଷେତ୍ର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଏବଂ ଏହା ଅଧୀନରେ ଥିବା ୪୨ଟି ବିଧାନସଭା ଆସନ ପାଇଁ ଜୁନ୍ ମାସ ୧ ତାରିଖରେ ଭୋଟ୍‌ଗ୍ରହଣ ହେବ । ଆସନ୍ତା ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ଧାର୍ଯ୍ୟ ହୋଇଛି ।

## ନିର୍ବାଚନୀ ପ୍ରଚାର

ରାଜ୍ୟର ୪ଟି ଲୋକସଭା ଆସନ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଏବଂ କଳାହାଣ୍ଡିକୁ ଛାଡିଦେଲେ ଅନ୍ୟ ସମସ୍ତ ସ୍ଥାନ ଗୁଡ଼ିକରେ ନିର୍ବାଚନୀ ପ୍ରଚାର ସରଗରମ ହୋଇଉଠିଛି । ବିଭିନ୍ନ ରାଜନୈତିକ ଦଳର ପୁରୁଖା ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଲାଗି ଓଡ଼ିଶା ଆସୁଛନ୍ତି । ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗଞ୍ଜାମର ସୋରଡାଠାରେ ଏକ ଜନସଭାକୁ ସମ୍ବୋଧନ କରି କହିଛନ୍ତି - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି କରି ଓଡ଼ିଶାର ସମ୍ମାନ ବଢାଇଛନ୍ତି । ଜି-୨୦ରେ କୋଣାର୍କ ଚକ୍ରକୁ ଚିହ୍ନ କରି ସେ ବିଶ୍ୱରେ ପ୍ରସିଦ୍ଧ କରାଇଛନ୍ତି । ଏଥିସହ ଖୋର୍ଦ୍ଧାର ପାଇକ ସଂଗ୍ରାମ ସ୍ମୃତିରେ ସ୍ୱତନ୍ତ୍ର ମୁଦ୍ରା ଏବଂ ଡାକଟିକେଟ ଉନ୍ମୋଚନ କରିଛନ୍ତି । ଆଜି ବି ଓଡ଼ିଶାର ୬ ହଜାର ଗ୍ରାମରେ ରାସ୍ତା ନାହିଁ ବୋଲି ସେ କହିଥିଲେ । ରାଜ୍ୟରେ

ଆୟୁଷ୍ମାନ ଭାରତ ଯୋଜନା ଲାଗୁ ହୋଇନଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଏହାର ସମାଲୋଚନା କରିଛନ୍ତି ।

ଏହା ପରେ ଶ୍ରୀ ଶାହା କଟକଠାରେ ଦଳପକ୍ଷରୁ ଆୟୋଜିତ ଏକ ରୋଡ୍ ଶୋ'ରେ ଭାଗ ନେଇଛନ୍ତି। ସେହିପରି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆଜି ଓଡ଼ିଶା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ନିର୍ବାଚନ ପ୍ରଚାରରେ ଯୋଗଦେଇଛନ୍ତି । ଆଜି ଭୁବନେଶ୍ୱରରେ ଦଳପକ୍ଷରୁ ଆୟୋଜନ ହେବାକୁ ଥିବା ଏକ କର୍ମଶାଳାରେ ଯୋଗଦେବା ସହିତ ଆସନ୍ତାକାଲି ବରଗଡ, ପଦ୍ମପୁର, ସୁନ୍ଦରଗଡଠାରେ ଦଳୀୟ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବେ । ସେହିପରି ଲୋକସଭା ବାଚସ୍ପତି ତଥା ବରିଷ୍ଠ ବିଜେପି ନେତା ଓମ୍ ବିର୍ଲା ଆଜି ବାଲେଶ୍ୱରଠାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସମାବେଶକୁ ସମ୍ବୋଧନ କରିଛନ୍ତି । ଓଡ଼ିଶାର ଲୋକମାନେ ଏବେ ବିରାଟ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଶ୍ରୀ ବିର୍ଲା କହିଛନ୍ତି ।

ଅନ୍ୟପକ୍ଷରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆଜି ଓଡ଼ିଶା ଗସ୍ତରେ ଆସି ବଲାଙ୍ଗୀରଠାରେ ଏକ ଜନସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିଛନ୍ତି। ଆସନ୍ତାକାଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ମଧ୍ୟ କନ୍ଧମାଳ ଜିଲ୍ଲା ଏବଂ ଭୁବନେଶ୍ୱରଠାରେ ନିର୍ବାଚନୀ ସଭାରେ ଯୋଗଦେବେ ।

## ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଉରକେଲା ଗସ୍ତରେ ଯାଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଏଥିରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ରାଜ୍ୟ ସରକାର ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁବିକାଶ, ଗମନଗମନ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଯାହାର ସୁଫଳ ରାଜ୍ୟବାସୀ ପାଉଛନ୍ତି। ଆଗାମୀ ଦିନ ଗୁଡ଼ିକରେ ରାଜ୍ୟବାସୀଙ୍କ ପାଇଁ ବହୁ କଲ୍ୟାଣକାରୀ ଯୋଜନା ପ୍ରଚଳନ କରାଯିବ ବୋଲି ସେ ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଆସନ୍ତାକାଲି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୁବନେଶ୍ୱରରେ ଏକ ରୋଡ୍ ସୋ'ରେ ଅଂଶଗ୍ରହଣ କରିବେ।

## ନିର୍ବାଚନ-ଯାଜପୁର

ରାଜ୍ୟର ଚତୁର୍ଥ ପର୍ଯ୍ୟାୟ ମତଦାନରେ ଆସନ୍ତା ଜୁନ୍ ପହିଲାରେ ଯାଜପୁର ଲୋକସଭା ଆସନ ଏବଂ ଜିଲ୍ଲାର ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମତଗ୍ରହଣ କରାଯିବ।

ଜିଲ୍ଲାରେ ନିର୍ବାଚନ ସ୍ଥିତି ନେଇ ଯାଜପୁରରୁ **ପ୍ରିୟରଞ୍ଜନ କର**ଙ୍କ ରିପୋର୍ଟ....

# - V/O –

## ମୋ ବୁଥ୍ ଆପ୍

ନିଜ ବୁଥ୍ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବା ଲାଗି 'ମୋ ବୁଥ୍' ଆପ୍‌ର ପ୍ରଚଳନ କରାଯାଇଛି। ଏହା ମାଧ୍ୟମରେ ଭୋଟର ସେମାନଙ୍କର ବୁଥ୍‌ର ସ୍ଥିତି ଏବଂ ମତଗ୍ରହଣ ସମୟରେ ବୁଥ୍‌ରେ ଉପସ୍ଥିତ ଥିବା ଭୋଟର ସଂଖ୍ୟା ସମ୍ପର୍କରେ ମଧ୍ୟ ଅବଗତ ହୋଇପାରିବେ। ଏହି ଆପ୍ ମାଧ୍ୟମରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ମତଦାନ କେନ୍ଦ୍ର ସମ୍ପର୍କିତ ତଥ୍ୟ ପ୍ରଦାନ କରିବେ। ସେହିଭଳି ବିଭିନ୍ନ କ୍ଷେତ୍ର ଅଧିକାରୀମାନେ ଏହି ଆପ୍ ମାଧ୍ୟମରେ ମତଦାନ କେନ୍ଦ୍ରରେ ପୁଲିଂ ପାର୍ଟିଙ୍କ ପହଁଞ୍ଚିବା ନେଇ ସୂଚନା। ମକ୍ ପୁଲ ଏବଂ ମତଦାନର ସଦ୍ୟତମ ସ୍ଥିତି ଏବଂ ପୁଲିଂ ପାର୍ଟିର ପ୍ରସ୍ଥାନ ସମ୍ପର୍କୀୟ ତଥ୍ୟ ପ୍ରଦାନ କରିବେ। ଜିଲ୍ଲାସ୍ତରୀୟ ଏବଂ କ୍ଷେତ୍ରୀୟ ଅଧିକାରୀମାନେ ଏକ କେନ୍ଦ୍ରୀୟ ଡ୍ୟାସବୋର୍ଡ ମାଧ୍ୟମରେ ଏହି ତଥ୍ୟ ପ୍ରଦାନ କରିବେ।

ଖୋର୍ଦ୍ଧା ଜିଲ୍ଲାରେ ଭୋଟରମାନଙ୍କ ପାଇଁ ଉଦ୍ଦିଷ୍ଟ ମୋ ବୁଥ୍ ଆପ୍‌କୁ ରାଜ୍ୟ ନିର୍ବାଚନ କମିଶନ ନିକୁଞ୍ଜ ବିହାରୀ ଧଳ ଆଜି ଉନ୍ମୋଚିତ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲାର ସବୁ ନିର୍ବାଚନ ମଣ୍ଡଳୀ ପାଇଁ ଏହି ଆପ୍ କାର୍ଯ୍ୟ କରିବ। ମତଦାତାମାନେ ଭୁବନେଶ୍ୱରରେ ପୁଲିଂ ବୁଥ୍ ଲୋକେସନ ଏହି ଆପ୍ ଏବଂ ଗୁଗୁଲ ମ୍ୟାପ୍ ମାଧ୍ୟମରେ ସହଜରେ ଜାଣିପାରିବେ। ସେହିଭଳି ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି, ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ମଧ୍ୟ ଏଥିରେ କ୍ଷେତ୍ରୀୟ ଅଧିକାରୀମାନେ ସୂଚନା ପ୍ରଦାନ କରିପାରିବେ। ଫଳରେ

ସମୟପୋଯୋଗୀ ପଦକ୍ଷେପ ଗ୍ରହଣ କରାଯାଇପାରିବ ବୋଲି ଶ୍ରୀ ଧଳ ସୂଚନା ଦେଇଛନ୍ତି ।

## ଗଞ୍ଜାମ ନିର୍ବାଚନ

**ଗଞ୍ଜାମ** ଜିଲ୍ଲାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୦ ତାରିଖ ଦିନ ଅନୁଷ୍ଠିତ ହେବ । ଅବାଧ, ମୁକ୍ତ ଓ ନିରପେକ୍ଷ ମତଦାନ ଯେପରି ହେବ ସେଥି ସକାଶେ ସବୁପ୍ରକାର ପ୍ରୟାସ ଚାଲୁ ରହିଛି । ଆସ୍କା ଲୋକସଭା ସହିତ ସମସ୍ତ ୮ ଗୋଟି ବିଧାନସଭାର ନିର୍ବାଚନ ନିମନ୍ତେ ପ୍ରସ୍ତୁତ ହୋଇଥିବା ବୁଥ୍ ଗୁଡିକରୁ ୧୧୪୩ ଗୋଟି ବୁଥ୍ ରେ ୱେବକାଷ୍ଟ ହେବ। ଏହି ୱେବକାଷ୍ଟ ଜରିଆରେ ବୁଥ୍ ମଧ୍ୟରେ ଚାଲୁଥିବା ମତଦାନ ପ୍ରକ୍ରିୟାକୁ ଜିଲ୍ଲା ସ୍ତରରେ ଏବଂ ରାଜ୍ୟ ସ୍ତରରେ ଅଧିକାରୀଗଣ ନଜର ରଖିବେ । ପୂର୍ବରୁ ହୋଇଥିବା ନିର୍ବାଚନର ଆଧାରକୁ ନେଇ ମତଦାନ ସଠିକ ରଖିବା ଉଦ୍ଦେଶ୍ୟରେ ଏହି ୱେବକାଷ୍ଟ କରାଯାଇଅଛି । ବୁଥ୍ ଗୁଡିକରେ ଭୋଟଦାତାଗଣ ବିନା ଦ୍ୱିଧାରେ ନିଜ ମତଦାନ ସାବ୍ୟସ୍ତ କରିବେ । ଆସ୍କା ବିଧାନସଭାର ୧୨୬ ଗୋଟି ବୁଥ୍, ହିଞ୍ଜିଳିର ୧୩୮ ଗୋଟି ବୁଥ୍, ଖଲ୍ଲିକୋଟର ନିର୍ବାଚନ ମଣ୍ଡଳୀ ସକାଶେ ୧୪୫ ଗୋଟି ବୁଥ୍, ସାନ ଖେମୁଣ୍ଡି ନିମନ୍ତେ ୧୨୯ ଗୋଟି ବୁଥ୍, ଭଞ୍ଜନଗର ସକାଶେ ୧୫୪ ଗୋଟି ବୁଥ୍, କବି ସୂର୍ଯ୍ୟନଗରର ୧୪୭ ଗୋଟି ବୁଥ୍, ପୋଲସରା ସକାଶେ ୧୫୭ ଗୋଟି ବୁଥ୍ ଏବଂ ସୋରଡା ନିମନ୍ତେ ୧୪୭ ଗୋଟି ବୁଥ୍ ରେ ସିଧା ସଳଖ ୱେବକାଷ୍ଟ ହେବ ।

## ବିଜେପି ନେତାଙ୍କ ଓଡ଼ିଶା ଗସ୍ତ

ବିଜେପିର ବିଭିନ୍ନ କେନ୍ଦ୍ରୀୟ ନେତାମାନେ ନିର୍ବାଚନ ପ୍ରଚାର ପାଇଁ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହିକ୍ରମରେ ବିଜେପି ସାଂସଦ ତଥା ବଲିଉଡ୍ ଅଭିନେତ୍ରୀ ହେମାମାଳିନୀ ଆସନ୍ତା ୧୭ ତାରିଖ ଶୁକ୍ରବାର ଓଡ଼ିଶା ଆସି ଉତ୍ତର ଭୁବନେଶ୍ୱର ଏବଂ କଟକର କିଶନନଗରଠାରେ ଜନସଭାକୁ ସମ୍ବୋଧନ କରିବେ । ଏହାପରେ ସେ ପିପିଲିରେ ରୋଡ ଶୋ' କରିବାର କାର୍ଯ୍ୟକ୍ରମ ରହିଛି ।

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏହିଦିନ ଓଡ଼ିଶା ଆସି ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡି, ନୟାଗଡ ଜିଲ୍ଲାର ଦଶପଲ୍ଲା ଓ କନ୍ଧମାଳର ଜି. ଉଦୟଗିରିଠାରେ ନିର୍ବାଚନ ପ୍ରଚାର କରିବେ । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ସେହିଦିନ ଆଠଗଡ ଓ ନରସିଂହପୁରରେ ଦୁଇଟି ନିର୍ବାଚନ ପ୍ରଚାର ସଭାରେ ଯୋଗଦେବେ । ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା କବିସୂର୍ଯ୍ୟ ନଗର, କଣ୍ଟାବାଞ୍ଜି, ଲୋଇସିଂହା, ସତ୍ୟବାଦୀ ଓ ପିପିଲିରେ ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି ।

## ସାଇବର ଫ୍ରଡ-ହେଲ୍‌ପଲାଇନ୍ ନମ୍ବର

ନିର୍ବାଚନ ସମୟରେ ସାଇବର ଫ୍ରଡରୁ ବର୍ତ୍ତିବା ପାଇଁ ସମ୍ବଲପୁର ପୋଲିସ ହେଲ୍‌ପଲାଇନ୍ ନମ୍ବର ଜାରି କରିଛି । ଭୋଟର ତାଲିକାରେ ନାଁ ଯୋଡ଼ିବା ପାଇଁ ସାଇବର ଅପରାଧି ଟଙ୍କା ମାଗୁଥିବା ପୋଲିସ ନଜରକୁ ଆସିଛି । ତେବେ ଏହା ଏକ ମାଗଣା ସେବା ହୋଇଥିବାବେଳେ ନିର୍ବାଚନ କମିସନ

ଏଥିପାଇଁ କୌଣସି ଦେୟ ନିଅନ୍ତି ନାହିଁ ବୋଲି ପୋଲିସ ସ୍ପଷ୍ଟ କରିଛି । ଏପରି କୌଣସି କଲ୍ ଆସିଲେ ପୋଲିସକୁ ଯୋଗଯୋଗ କରିବା ପାଇଁ ସମ୍ବଲପୁର ପୋଲିସ ଅନୁରୋଧ କରିଛି ।

## ପାଣିପାଗ

ରାଜ୍ୟରେ ଆସନ୍ତା ଦୁଇଦିନପରେ ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, ଢ଼େଙ୍କାନାଳ, ଭଦ୍ରକ, ବାଲେଶ୍ୱର, ଯାଜପୁର ଜିଲ୍ଲାର ବହୁ ଅଞ୍ଚଳରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ଅଛି। ଆସନ୍ତା ୨୫ ତାରିଖରେ ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ଗ୍ରୀଷ୍ମ ପ୍ରବାହର ପ୍ରଭାବ ପଡିବ । ବଲାଙ୍ଗୀର, ବରଗଡ ଆଦି ଜିଲ୍ଲାରେ ତାପମାତ୍ରା ୪୦ଡିଗ୍ରୀରୁ ଊର୍ଦ୍ଧ୍ୱ ରହିପାରେ ।